## ସଂକ୍ଷେପରେ

### ଗାୟତ୍ରୀ ଶକ୍ତିପୀଠରେ ନବରାତ୍ର ମହୋତ୍ସବ

**ଢେଙ୍କାନାଳ ଅଫିସ, ୧୫।୧୦**
ଢେଙ୍କାନାଳ କୈବଲ୍ୟ ବଜାରସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ୯ ତାରିଖରୁ ଆରମ୍ଭ ହୋଇଛି ଶାରଦୀୟ ନବରାତ୍ର ମହୋତ୍ସବ। ଏହା ୧୮ ତାରିଖ ଯାଏ ଚାଲିବ। ଏହି ଅବସରରେ ପ୍ରତିଦିନ ପୂର୍ବାହ୍ନରେ ଯଜ୍ଞ, ସନ୍ଧ୍ୟାରେ ଆଳତି, ଗାୟତ୍ରୀ ଚାଲିଶା ପାଠ ଅନୁଷ୍ଠିତ ହେଉଛି। ସେହିପରି ୧୮ ତାରିଖ ସାଢ଼େ ୧୧ଟାରେ ପୂର୍ଣ୍ଣାହୁତି, ସାଢ଼େ ୧୨ଟାରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ଅଞ୍ଜଳି ଶତପଥୀ, ବସନ୍ତମଞ୍ଜରୀ ମିଶ୍ର, ଭାରତୀ ପଟ୍ଟନାୟକ, ଶିବପ୍ରସାଦ ଶତପଥୀ, ସନ୍ତୋଷ କୁମାର ଅଗ୍ରୱାଲ, ମନୋଜ ଅଗ୍ରୱାଲ, କୃଷ୍ଣଚନ୍ଦ୍ର ସାହୁ, ଦେବରାଜ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବାନପ୍ରସ୍ଥି ପ୍ରେମାନନ୍ଦ ଶତପଥୀ ଜଣାଇଛନ୍ତି।

### ଶଗଡ଼ ସହ ଶାଳ କାଠ ଜବତ



**ପରଜଙ୍ଗ, ୧୫।୧୦(ଡି.ଏନ.ଏ.)**
କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଧୀନ ମୁକ୍ତାପଶି ଫରେଷ୍ଟ ସେକ୍ସନ ଅଧୀନ କଙ୍କିଳି ସଂରକ୍ଷିତ ଜଙ୍ଗଲରୁ ରବିବାର ସକାଳେ ବନ ବିଭାଗ ଏକ ଶଗଡ଼ ସହ ଶାଳ କାଠ ଜବତ କରିଛି। ଶାଳ ଗଛ ହାଣି ଶଗଡ଼ରେ ଚାଲାଣ କରାଯାଉଥିବା ସୂଚନା ପାଇ ଫରେଷ୍ଟର ଚନ୍ଦ୍ରଶେଖର ବେହେରାଙ୍କ ନେତୃତ୍ୱରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତେବେ କର୍ମଚାରୀଙ୍କୁ ଦେଖି ଶଗଡ଼ ମାଲିକ ବଳଦଙ୍କୁ ଫିଟାଇଦେଇ ଫେରାର ହୋଇଯାଇଥିଲେ। ଜବତ ଶଗଡ଼କୁ ବନପାଳଙ୍କ କାର୍ଯ୍ୟାଳୟ ଜିମା ଦିଆଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇଛି। ଫରେଷ୍ଟ ଗାର୍ଡ ପଞ୍ଚାନନ ସିଂ, ପ୍ରଶାନ୍ତ ସାହୁ, ହିମାଂଶୁ ଶେଖର ଟୁଡୁଙ୍କ ସମେତ ହାତୀ ସ୍କ୍ୱାଡ୍ ଚଢ଼ାଉରେ ସାମିଲ ହୋଇଥିଲେ।

### ପଥର ଖାଦାନରେ ଚଢ଼ାଉ, ୪ ପାୱାର ଟିଲର ଜବତ



**ଭୁବନ, ୧୫।୧୦(ଡି.ଏନ.ଏ.)**
ଭୁବନ ବ୍ଲକ ବାଲିବୋ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରେ ଚାଲିଥିବା ଏକ ବେଆଇନ ପଥର ଖାଦାନରେ ଚଢ଼ାଉ କରି ପୋଲିସ ୪ଟି ପାୱାର ଟିଲର ଜବତ କରିଛି। ହେଲେ ଆଗୁଆ ଚଢ଼ାଉ ସୂଚନାପାଇ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ତହସିଲଦାର ଶକ୍ତିକାନ୍ତ ରାୟ, ଆଇଆଇସି ପ୍ରମୋଦ କୁମାର ଲେଙ୍କା, ଏଏସଆଇ ପଙ୍କଜ ମାଝିଙ୍କ ସମେତ ୧ ପ୍ଲାଟୁନ୍ ପୋଲିସ ଚଢ଼ାଉରେ ସାମିଲ ହୋଇଥିଲେ। ଜବତ ପାୱାର ଟିଲରକୁ ବନ ବିଭାଗ ଜିମା ଦିଆଯାଇଛି। ବାଲିବୋ ସଂରକ୍ଷିତ ଜଙ୍ଗଲରୁ ପଥର ଚୋରା ଚାଲାଣ ନୂଆକଥା ନୁହେଁ, ଉକ୍ତ ଅଞ୍ଚଳ ପଥର ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ପୋଲିସ ଏବଂ ପ୍ରଶାସନର ଚଢ଼ାଉବେଳେ ମାଫିଆମାନେ ଆକ୍ରମଣ କରୁଥିବା ମଧ୍ୟ ନଜିର ରହିଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ସମବାୟ ସମିତି ସଭାପତିଙ୍କ ସମ୍ମିଳନୀ

**ଓଡ଼ାପଡ଼ା, ୧୫।୧୦(ଡି.ଏନ.ଏ.)**
ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକରେ କାର୍ଯ୍ୟରତ ସମବାୟ ସମିତି ସଭାପତିଙ୍କୁ ନେଇ ଏକ ସମ୍ମିଳନୀ ରବିବାର ଇନ୍ଦିପୁରରେ ଅନୁଷ୍ଠିତ ହୋଇଯାଇଛି। ମାଣିପୁର ସମବାୟ ସମିତି ସଭାପତି ନବକିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରମୋଦ ନାୟକ, ସଂଘ ସମ୍ପାଦକ ସୁଧୀର ପଟ୍ଟନାୟକ, ବାଳକୃଷ୍ଣ ସାହୁ, ପ୍ରକାଶ ସାହୁ, ରମେଶ ବିଶ୍ୱାଳ, ଗିରିଶ ଚନ୍ଦ୍ର ଦାସ, ପବିତ୍ର ବେହେରା, ଗଦାଧର ଜେନା, ନିହାର ରଞ୍ଜନ ଦାସ, ପ୍ରକାଶ ଚନ୍ଦ୍ର ହୋତା, ଶେଷଦେବ ରାଉତ, ନରୋତ୍ତମ ସାହୁ, ଭରତ ଚନ୍ଦ୍ର ସାମଲ, ସୁଶୀଲ ବେହେରା, ଦିଲୀପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀଙ୍କୁ କିପରି ସୁବିଧାରେ ଋଣ ଯୋଗାଇ ଦିଆଯିବ, ମଣ୍ଡିରେ ଚାଷୀ କିଭଳି ସହଜରେ ଧାନ ବିକ୍ରି କରିପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ତାଳବରକୋଟ ସମବାୟ ସମିତିରେ ବେଆଇନ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି।

## ■ଏଏପିର ଜନସମାବେଶ

# ଦୁର୍ନୀତି ବିରୋଧରେ ଲଢ଼େଇ ହେବ: ଅଲକା

**ଢେଙ୍କାନାଳ ଅଫିସ, ୧୫।୧୦**

ଢେଙ୍କାନାଳ ମିନି ଷ୍ଟାଡିୟମରେ ସୋମବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ଦଳର ରାଷ୍ଟ୍ରୀୟ ପ୍ରବକ୍ତା ତଥା ନୂଆଦିଲ୍ଲୀ ଚାନ୍ଦିନୀ ଚୌକ୍ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟିକା ଅଳକା ଲାମ୍ବା ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ।

ଏହି ଅବସରରେ ସାଧାରଣ ସଭାକୁ ସମ୍ବୋଧନ କରି ସେ କହିଲେ, ଏଏପିର ଲଢ଼େଇ ଭାଜପା, କଂଗ୍ରେସ କିମ୍ବା ବିଜେଡି ସହିତ ନୁହେଁ। ଓଡ଼ିଶାରେ ସୀମା ଟପିଥିବା ଭ୍ରଷ୍ଟାଚାର ଏବଂ ଦୁର୍ନୀତି ବିରୋଧରେ ଲଢ଼େଇ ହେବ। ଦୀର୍ଘ ୨୦ବର୍ଷ ଧରି ବିଜେଡି ଶାସନ କ୍ଷମତାରେ ଅଛି। ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି ସରକାର ବାର୍ଦ୍ଧକ୍ୟ, ବିଧବା ଦିବ୍ୟାଙ୍ଗଙ୍କୁ ମାସିକ ଅଢ଼େଇ ହଜାର ଟଙ୍କା ଭତ୍ତା ଦେଉଛି। ହେଲେ ଓଡ଼ିଶାରେ ଏହା ମାତ୍ର ୩୦୦ ଟଙ୍କାରେ ସୀମିତ। ମାତ୍ର ୫ବର୍ଷରେ ଦିଲ୍ଲୀରେ ଶାସନ କ୍ଷମତାକୁ ଆସି ଏଏପି ଲୋକଙ୍କ ବିଶ୍ୱାସଭାଜନ ହୋଇପାରିଛି। ମାତ୍ର ନବୀନ ସରକାର କେବଳ ବିଜ୍ଞାପନରେ ପ୍ରଚାର ଚଳାଇଛନ୍ତି। ଓଡ଼ିଶାବାସୀଙ୍କ ଦୁର୍ବଳତାର ଫାଇଦା ନେଉଛନ୍ତି। ଭାଜପାର ଡଙ୍ଗା ବୁଡ଼ିଯାଉଥିବାବେଳେ ସୁରକ୍ଷା ଦେଉଛନ୍ତି। କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ମନ୍ତ୍ରୀଙ୍କ ୧୪ଜଣ ମହିଳା ଖବରଦାତାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ଆସିଛି। ଏହା ଜାଣିବା ସତ୍ତ୍ୱେ ନବୀନ ବାବୁ ତାଙ୍କୁ ନୀରବ ସମର୍ଥନ ଦେଉଛନ୍ତି। ଓଡ଼ିଶାରେ ବିରୋଧୀ ମଜଭୁତ ହେଲେ ଶାସକ ଦଳ ନିୟନ୍ତ୍ରଣରେ ରହିବ। ସାଧାରଣ ଜନତା ସଚେତନ ହେଲେ ଏଏପି କ୍ଷମତା ଛଡ଼େଇ ଆଣିବ ବୋଲି ବିଧାୟିକା ଅଳକା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ 'ତିତ୍‌ଲି'ରେ ପ୍ରାଣ ହରାଇଥିବା ମୃତକଙ୍କ ପ୍ରତି ସେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର କହିଲେ, ବିଜେଡି ସରକାର ସୁଶାସନ ଦେବାରେ ବିଫଳ ହୋଇଛି। କେନ୍ଦ୍ରରେ ମୋଦି ସରକାର ଓ ରାଜ୍ୟରେ ନବୀନ ସରକାରଙ୍କ ଯୁଗଳବନ୍ଦୀ ଧରାପଡ଼ିଯାଇଛି। ଏହାକୁ ଦଳ ବିରୋଧ କରୁଥିବା ସେ ଅଭିଭାଷଣ ରଖିଥିଲେ। ଜିଲା ଆବାହକ ପଙ୍କଜ ନାୟକ, କଟକ ବିଧାନସଭା ନର୍ବାଚନମଣ୍ଡଳୀ ଆବାହକ ମୁକ୍ତାକିନ ବକ୍ସ, ରାଜ୍ୟ ସମ୍ପାଦକ ବିନୟ ତିୱାରୀ, ଦଳିତ ଅଧିକାର ମଞ୍ଚ ଉପଦେଷ୍ଟା ମଧୁସୂଦନ ଯାଦବ, ରୀତା ନାଏକ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ବିଧାୟିକା ଲାମ୍ବା ବାଜିଚୌକସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେଠାରୁ ଏକ ଶୋଭାଯାତ୍ରା ବାହାରି ମିନି ଷ୍ଟାଡିୟମରେ ପହଞ୍ଚିଥିଲା। ନୁରୁଲ ଇସ୍‌ଲାମ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଢେଙ୍କାନାଳ ବିଧାନସଭା ପ୍ରଭାରୀ ଆଶିଷ ମିଶ୍ର ଧନ୍ୟବାଦ ଦେଇଥିଲେ।



ଜନ ସମାବେଶରେ ବିଧାୟିକା ଅଳକା ଲାମ୍ବା ଉଦ୍‌ବୋଧନ ଦେଉଛନ୍ତି।

# ୨୭ ଅଭିଯୋଗର ଫଇସଲା



ପ୍ରଶାସନିକ ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୫।୧୦**

ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରହଣ କରାଯାଇଥିବା ୯୫ଟି ଅଭିଯୋଗ ମଧ୍ୟରୁ ୨୭ଟିର ଫଇସଲା କରାଯାଇଥିଲା। ରେଡ୍‌କ୍ରସ୍ ପକ୍ଷରୁ ୮ଜଣଙ୍କୁ ଚିକିତ୍ସା ସହାୟତା ଏବଂ ଜୀବନ ଜୀବିକା ଲାଗି ୧୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ଅବନୀକାନ୍ତ ପଟ୍ଟନାୟକ, ଏସ୍‌ପି ସନ୍ତୋଷ କୁମାର ନାୟକ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଉପଜିଲାପାଳ ପୀତାମ୍ବର ସାମଲ, ସିଡିଏମ୍‌ଓ ଡା. ବାସୁଦେବ ବେହେରା, ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ବିଜୟାନନ୍ଦ ସାହୁ, ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ତହସିଲଦାର ଉଦୟ କୁମାର ମହାପାତ୍ର, ବିଡିଓ ସରୋଜ କୁମାର ଦତ୍ତ, ଜରୁରିକାଳୀନ ବିଭାଗ ସହକାରୀ ଜିଲାପାଳ ଶଶାଙ୍କ ଶେଖର ମିଶ୍ର, ପିଜି ସେଲ୍ ଅଧିକାରୀ ଲଲାଟ କେଶରୀ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

## ■ଜିଲାସ୍ତରୀୟ ଫୁଟ୍‌ବଲ

# କ୍ୱାର୍ଟରରେ ପପୁଲାର କ୍ଲବ



ପ୍ରତିଯୋଗିତାର ଖେଳାଳିମାନେ।

**ଢେଙ୍କାନାଳ ଅଫିସ, ୧୫।୧୦**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ସୋମବାର ମୁହାଁମୁହିଁ ହୋଇଥିଲେ ନରଣପୁର ପପୁଲାର କ୍ଲବ ଏବଂ ଦୁଦୁରକୋଟ କିଶୋର କ୍ଲବ। ରୋମାଞ୍ଚକର ଏହି ମ୍ୟାଚ୍ ୧-୧ରେ ଗୋଲ୍‌ରେ ଅମୀମାଂସିତ ରହିଥିଲା। ତେବେ ପ୍ରତିଯୋଗିତାର ନିୟମ ଅନୁଯାୟୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ପପୁଲାର କ୍ଲବ। ରାମକୃଷ୍ଣ ବେହେରା, ପର୍ଶୁରାମ ମିଶ୍ର, ଅରୁଣ ନାୟକ, ମାୟାଧର ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ମିଳିତ ବଜାର ପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ସଂଘ ଉପସଭାପତି ସଞ୍ଜୟ ଭଞ୍ଜ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ସଭ୍ୟ ଶ୍ୟାମସୁନ୍ଦର ମହାପାତ୍ର, ଶତ୍ରୁଘ୍ନ ମାଟି, ସଞ୍ଜୟ ନାୟକ, ଅଜୟ ସ୍ୱାଇଁ ପ୍ରମୁଖ ମ୍ୟାଚ୍ ପରିଚାଳନା କରୁଛନ୍ତି। ମଙ୍ଗଳବାର ବନମାଳୀପ୍ରସାଦ ମା' ମଙ୍ଗଳା ଦଳ ସହିତ ଚିରୁଲେଇ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି।

## ପଦଯାତ୍ରା ବେଳେ ମହୁମାଛି ଆକ୍ରମଣ:୧୦ ଆହତ, ୩ ଗୁରୁତର

**ଭୁବନ, ୧୫।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଏକତାଳି ପଞ୍ଚାୟତରେ ବିଜେଡିର ପଦଯାତ୍ରା ବେଳେ ମହୁମାଛି ଆକ୍ରମଣରେ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନେ ହେଲେ ନିମେଇପୁର ଗ୍ରାମର ସନ୍ଦୀପ ମହାରଣା (୨୬), ଶ୍ରୀକାନ୍ତ ସାହୁ (୪୭), ସୁରେଶ ତରାଇ(୨୫)। ସମସ୍ତଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକତାଳି ପଞ୍ଚାୟତରେ ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ ବାଇକ୍ ସାମିଲ ହୋଇଥିଲେ। ଗାଡ଼ିରୁ ବାହାରିଥିବା ଧୂଆଁରେ ମହୁମାଛିମାନେ ଉତ୍ତ୍ୟକ୍ତ ହୋଇ ଆକ୍ରମଣ କରିଥିଲେ। ଫଳରେ କର୍ମୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଆହତଙ୍କୁ ଡାକ୍ତରଖାନାକୁ ଅଣାଯାଇଥିଲା। ପରେ ନିମେଇପୁର ଶିବ ମନ୍ଦିରରେ ସଭା ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ସମିତିସଭ୍ୟ ଅମୂଲ୍ୟ କୁମ ଦ୍ୱିବେଦୀଙ୍କ ସମେତ ବହୁ କର୍ମୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ଫଟୋରେ ଖବର



ଢେଙ୍କାନାଳ ଦେଉଳସାହି ଜୁବ୍‌ଲିଟାଉନ କନକଦୁର୍ଗା ନଗରସ୍ଥିତ କନକଦୁର୍ଗାଙ୍କ ପୀଠରେ ସୋମବାର ଅନ୍ନପୂର୍ଣ୍ଣା ବେଶରେ ଦର୍ଶନ ଦେଉଛନ୍ତି ମା'।

# ୬୦୦ ହିତାଧିକାରୀଙ୍କୁ ମିଳିଲା ରାଶନ କାର୍ଡ



କାର୍ଯ୍ୟକ୍ରମରେ ହିତାଧିକାରୀମାନେ।

**ଭୁବନ, ୧୫।୧୦(ଡି.ଏନ.ଏ.)**

ଭୁବନ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ବଣ୍ଟନ କରାଯାଇଛି। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ୬୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ କରିଥିଲେ। ସହକାରୀ ଯନ୍ତ୍ରୀ ଜଗବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ। ବ୍ଲକ ଯୋଗାଣ ଅଧିକାରୀ ସୁନିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଳଦ ଯାତ୍ରା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

**ଭୁବନ, ୧୫।୧୦(ଡି.ଏନ.ଏ.)**

ଭୁବନ ସଦର ମଦନମୋହନ ମନ୍ଦିରରେ ସୋମବାର ବଳଦ ଯାତ୍ରା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରାରେ ଭାଗ ନେବାକୁ ଥିବା ସମସ୍ତ ବଳଦିଆ, ପୂଜା ମଣ୍ଡପ କର୍ମକର୍ତ୍ତା ଏବଂ ଶାନ୍ତି କମିଟି ସଦସ୍ୟ ଉପସ୍ଥିତ ରହି ଯାତ୍ରା ପ୍ରସ୍ତୁତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଡିଜେ ସାଉଣ୍ଡ ଉପରେ ଲଗାଯାଇଥିବା କଟକଣା ମାନିବାକୁ ସହର ସଙ୍ଗଠନ ସଭାପତି ବାସୁଦେବ ବେହେରା ଗୁରୁତ୍ୱାରୋପ କରିଥିଲେ। ଅତ୍ୟାଧୁନିକ ବାଜା, ଆଲୋକ ସାଜସଜ୍ଜା, ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଆଲୋଚନା କରାଯାଇଥିଲା। ବରିଷ୍ଠ କର୍ମକର୍ତ୍ତା କୁଞ୍ଜବିହାରୀ ଚିନାରା, ଦିଲୀପ ଦାସ, ବିଶ୍ୱନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଯୁବକ ମୃତ, ରାସ୍ତାରୋକୋ

**ଢେଙ୍କାନାଳ ଅଫିସ, ୧୫।୧୦**

ଢେଙ୍କାନାଳ ସଦର ଥାନା ପଞ୍ଚୁପଟି ଗ୍ରାମ ନିକଟ ୫୫ନଂ. ଜାତୀୟ ରାଜପଥରେ ସୋମବାର ମଧ୍ୟାହ୍ନରେ ଡମ୍ଫର ଧକ୍କାରେ ଜଣେ ବାଇକ୍ ଆରୋହୀ ପ୍ରାଣ ହରାଇଛନ୍ତି। ମୃତକ ହେଲେ ରଣଜିତ ଦାସ (୩୫)। ଦୁର୍ଘଟଣା ପରେ ଅଞ୍ଚଳବାସୀ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଖାଲଖମାରେ ଭର୍ତ୍ତି ହୋଇଥିବା ରାଜପଥ ମରଣଯନ୍ତା ପାଲଟିଥିବାବେଳେ ଏହାକୁ ମରାମତି କରିବାକୁ ସେମାନେ ଦାବି କରିଥିଲେ। ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଗଦାଶିଳା ଗ୍ରାମର ରଣଜିତ୍ ବାଇକରେ ଢେଙ୍କାନାଳ ଆସୁଥିବାବେଳେ ପଛରୁ ଉକ୍ତ ଡମ୍ଫର ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତହସିଲଦାର ଉଦୟ ମହାପାତ୍ର, ଥାନା ଅଧିକାରୀ ମଳୟ ନାୟକ ସଦଳବଳ ପହଞ୍ଚି ରାସ୍ତା ମରାମତି ପାଇଁ ପଦକ୍ଷେପ ନିଆଯିବ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଡମ୍ଫର ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଅଭିଯୁକ୍ତ ଡ୍ରାଇଭର ଫେରାର ହୋଇଛନ୍ତି। ଏ ନେଇ ନଂ. ୪୫୭/୧୮ରେ ମାମଲା ରୁଜୁ କରାଯାଇଛି।

# ତହସିଲ କାର୍ଯ୍ୟାଳୟ ଘେରିଲା ଆର୍‌ପିଆଇ



ଧାରଣାରେ ଯୋଗଦେଇଥିବା ସଙ୍ଗଠନର କର୍ମକର୍ତ୍ତା।

**ହିନ୍ଦୋଳ, ୧୫।୧୦ (ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ଆର୍ଥିକ ଅନଗ୍ରସର ବର୍ଗ ଏବଂ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ନେଇ ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ (ଆର୍‌ପିଆଇ) ପକ୍ଷରୁ ସୋମବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ରାସୋଳ ଥାନା ଖଇରାବାହାଳି ଗ୍ରାମ ସାପୁଆ ନାଳ ଉପରେ ନିର୍ମାଣାଧୀନ ପୋଲ୍ କେତେଜଣ ବ୍ୟକ୍ତିଗତ ଜମିରେ ନିର୍ମାଣ କରାଯାଉଛି। ଏହାକୁ ସଙ୍ଗଠନ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଥିଲା। ୨୦ବର୍ଷର ଦାବି ପରେ ପୋଲ ନିର୍ମାଣ ଲାଗି ସରକାରୀ ଅନୁଦାନ ଯୋଗାଇ ଦିଆଯାଇଛି। ଏପରି କି କେତେଜଣ ଗ୍ରାମବାସୀ ୪୮ଡେସିମିଲି ଜମି ସରକାରଙ୍କ ନାମରେ ରେଜିଷ୍ଟ୍ରି ମଧ୍ୟ କରିଥିଲେ। ନିକଟରେ ଆପ୍ରୋଚ୍ ରୋଡ୍ ଲାଗି ୭ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ତାହା ଶେଷ ହୋଇଛି। ହେଲେ ପୋଲ ନିର୍ମାଣ ହେଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସରକାରୀ ଜାଗାରେ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଏଥିସହ ଦଳିତ ପରିବାରକୁ ୫ ଡେସିମିଲି ବାସଗୃହ ଓ ୫ ଏକର ସରକାରୀ ଜାଗା ଯୋଗାଇ ଦେବା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ତତ୍କାଳ କ୍ଷତିପୂରଣ ପ୍ରଦାନ, ମିଳିଥିବା ଜମି ଚିହ୍ନଟ, ଦଖଲଭୁକ୍ତ ଜମିକୁ ମାଲିକାନା ସ୍ୱତ୍ତ୍ୱ ପ୍ରଦାନ, ବିଭିନ୍ନ କାର୍ଯ୍ୟାଳୟରେ ନକଲପତ୍ର ଲାଗି ଦାବି କରାଯାଉଥିବା ଲାଞ୍ଚ କାରବାର ଉପରେ ଅଙ୍କୁଶ ଲଗାଇବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଶାଖା ସଭାପତି ଅନନ୍ତ ନାଏକ, ସନ୍ତୋଷ ନାୟକ, ଦୁର୍ଯ୍ୟୋଧନ ନାୟକ, ଭାଇଗ ନାୟକ, ବିଦ୍ୟାଧର ନାୟକ, ଅନାମ ନାୟକ, ଭାସ୍କର ନାୟକ ପ୍ରମୁଖ ଶତାଧିକ ଗ୍ରାମବାସୀ ଧାରଣାରେ ସାମିଲ ହୋଇଥିଲେ। ଶେଷରେ ତହସିଲଦାରଙ୍କୁ ଦାବି ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ୧୦୨ ଜଣଙ୍କୁ ରାଶନ କାର୍ଡ ବଣ୍ଟନ

କଣିହାଁ,୧୫।୧୦(ଡି.ଏନ.ଏ.)- କଣିହାଁ ବ୍ଲକ ଜରଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ନୂତନ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ସୁମିତ୍ରା ଦାସ, ସମିତି ସଭ୍ୟ ଜିତେନ୍ଦ୍ର ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୧୦୨ ଜଣ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରିଥିଲେ। ବଞ୍ଚିତ ହିତାଧିକାରୀଙ୍କ ସହିତ ୧୨୪ଟି ପରିବାର ହିତାଧିକାରୀ ଏହାଦ୍ୱାରା ଉପକୃତ ହୋଇଥିବା ପଞ୍ଚାୟତ ତରଫରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ୱାରେଣ୍ଟି ଗିରଫ

କଣିହାଁ,୧୫।୧୦(ଡି.ଏନ.ଏ.)- କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ ଥାନା ପୋଲିସ ସୋମବାର ଜଣେ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପୋଡ଼ାଗଡ଼ ଗ୍ରାମର ଦ୍ୱାରି ସାମଲ। ଆଇଆଇସି ସରୋଜ କାନ୍ତ ସାମଲ କହିଛନ୍ତି, ୨୦୦୨ରେ ପୋଡ଼ାଗଡ଼ ଗ୍ରାମରେ ପାରିବାରିକ ଗଣ୍ଡଗୋଳ ହୋଇଥିଲା। କୋର୍ଟ ଜିଆର କେସ ନଂ. ୩୧୫/୦୨ରେ ମାମଲାକୁ ନେଇ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

### କୋଇଲା ମନ୍ତ୍ରୀଙ୍କୁ ସ୍ୱାଗତ

ଛେଣ୍ଡିପଦା,୧୫।୧୦(ଡି.ଏନ.ଏ./ସ୍ୱ.ପ୍ର.)- କେନ୍ଦ୍ର କୋଇଲା ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ସୋମବାର ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ନିଶା ସ୍ଥିତ ଜିନ୍ଦଲ କମ୍ପାନୀ ଏୟାରପୋର୍ଟଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ପ୍ରତାପ ଚନ୍ଦ୍ର ପ୍ରଧାନ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ ସଭା ପୂର୍ବତନ ସଦସ୍ୟ ରୁଦ୍ରନାରାୟଣ ପାଣି, ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକ, ଶତ୍ରୁଘ୍ନ ସାହୁ, ଜିଲା ସମ୍ପାଦକ ବିଜୟ କୁମାର ମାଝୀ, ଜିଲା ପ୍ରଭାରୀ ଚୌଧୁରୀ ପ୍ରଧାନ, ସଞ୍ଜୟ ନାଏକ, ଅନନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ କଙ୍କରାଇ ଗ୍ରାମର କୋଇଲା ଖଣିର ସମସ୍ୟା ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ମନ୍ତ୍ରୀ ଗୋଏଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

### ମୁଖପାତ୍ର 'ମଧୁମାଳତୀ' ଉନ୍ମୋଚିତ

ଅନୁଗୋଳ ଅଫିସ,୧୫।୧୦- ଅନୁଗୋଳର ଶୈଳ ଶ୍ରୀକ୍ଷେତ୍ରଠାରେ ଶିଶୁ ସାହିତ୍ୟ ସଂସଦର ମୁଖପାତ୍ର ମଧୁମାଳତୀ ଉନ୍ମୋଚିତ ହୋଇଯାଇଛି। ସଭାପତି ସୀତାରାମ ମିଶ୍ରଙ୍କ ପୌରୋହିତ୍ୟ ଓ ସମ୍ପାଦକ ଡ.ସଦାନନ୍ଦ ପରିଡ଼ାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏହି ଉପଲକ୍ଷେ ଏକ ସଭା ଆୟୋଜିତ ହୋଇଥିଲା। ପ୍ରଥମେ ୪୦ ଜଣ କବି ସେମାନଙ୍କ କବିତା ଆବୃତ୍ତି କରିଥିଲେ। ଏହାପରେ ଲୁହାମୁଣ୍ଡା ଉପ୍ରା ବିଦ୍ୟାଳୟ ଓ ତୁରଙ୍ଗ ଉପ୍ରା ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ବିନାୟକ ମିଶ୍ର ଯୋଗଦେଇ ଶିଶୁ ସାହିତ୍ୟର ଦିଗ ଦିଗନ୍ତ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବୟିତ୍ରୀ କବି ପଦ୍ମାବତୀ ମିଶ୍ର, ଜୟଶ୍ରୀ ପଟ୍ଟନାୟକ, ଉଦୟନାଥ ରଥ, ବିଶ୍ୱରଞ୍ଜନ ମହାପାତ୍ର, ପ୍ରତିଭା ସାହୁ, ଶଶିପ୍ରଭା ଦାସ, ଯାଜ୍ଞସେନୀ ହୋତା, ଲକ୍ଷ୍ମୀପ୍ରିୟା ଦାସ, ମନୋରମା ପାତ୍ର, କୃଷ୍ଣଚନ୍ଦ୍ର ନାୟକ, ସସ୍ମିତା ଗ୍ରହାଚାର୍ଯ୍ୟ, ମମତା ମହାନ୍ତି, ତୃପ୍ତି ପଣ୍ଡା ଓ ବୀଣାପାଣି ଚୌଧୁରୀ ପ୍ରମୁଖଙ୍କୁ ମାନପତ୍ର ସହ ଉତ୍ତରୀୟ, ଫଳକ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଶେଷରେ ଗୋଲାପ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ

ବଇଣ୍ଡା,୧୫।୧୦(ଡି.ଏନ.ଏ.)- ହଣ୍ଡପା ଥାନା ଗାଁ ବଇଣ୍ଡା ନିକଟରେ ସୋମବାର ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କରାଯାଇଛି। ଉଭୟ ପାର୍ଶ୍ୱରୁ ଆସୁଥିବା ଗାଡ଼ି ଗୁଡ଼ିକୁ ଅଟକାଇ ଡ୍ରାଇଭିଂ ଲାଇସେନ୍ସ, ହେଲମେଟ୍, କାଗଜପତ୍ର ଯାଞ୍ଚ କରାଯିବା ସହ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ହଣ୍ଡପା ଥାନା ଏଏସ୍ଆଇ ପିକେ ଆଇଚ ଯାଞ୍ଚ କରିଥିଲେ।

■ତାଳଚେର ଗସ୍ତରେ ପୀୟୂଷ ଗୋଏଲ

# କୋଇଲା ଉତ୍ତୋଳନ ବୃଦ୍ଧି ଉପରେ ଆଲୋଚନା

ତାଳଚେର,୧୫।୧୦(ନି.ପ୍ର.)

କେନ୍ଦ୍ର କୋଇଲା ଓ ରେଳମନ୍ତ୍ରୀ ପୀୟୂଷ ଗୋଏଲ ସୋମବାର ଦିନିକିଆ ତାଳଚେର ଗସ୍ତରେ ଆସି ଫେରିଯାଇଛନ୍ତି। ଅପରାହ୍ଣରେ ସେ ତାଳଚେର ଠାରେ ପହଞ୍ଚିବା ପରେ ଏମ୍‌ସିଏଲ୍‌ଠାରେ ଥିବା ଭୁବନେଶ୍ୱରୀ ଓ ଅନନ୍ତ କୋଇଲା ଖଣି ପରିଦର୍ଶନ କରିଥିଲେ। ପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ଏମ୍‌ସିଏଲର କୋଇଲା ଉତ୍ତୋଳନ ଉପରେ ସମୀକ୍ଷା କରିଥିଲେ। କୋଇଲା ଉତ୍ତୋଳନ ପରିମାଣ କମ୍ ରହିଛି। ତେଣୁ କିପରି ଆଗାମୀ ଦିନରେ ଉତ୍ତୋଳନ ବୃଦ୍ଧି ପାଇବ ସେ ଉପରେ ମନ୍ତ୍ରୀ ଏମ୍‌ସିଏଲ୍ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅଧିକ କୋଇଲା ଉତ୍ତୋଳନ ହେଲେ ରାଜସ୍ୱ ବୃଦ୍ଧି ପାଇବା ସହ ଜିଲା ଖଣିଜ ପାଣ୍ଠିକୁ ମଧ୍ୟ ଅଧିକ ଅର୍ଥ ଆସିବ। ଏହା ଦ୍ୱାରା ଜିଲାର ଉନ୍ନତି ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏଥିସହ ଖଣିରେ ଲାଗି ରହିଥିବା ବିଭିନ୍ନ



କେନ୍ଦ୍ର କୋଇଲା ମନ୍ତ୍ରୀ ଏମ୍‌ସିଏଲ୍‌ର ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। କୋଇଲା ସଚିବ ଇନ୍ଦ୍ରଜିତ ସିଂହ, କୋଲ ଇଣ୍ଡିଆର ଅଧ୍ୟକ୍ଷ ଅନିଲ ଝା, ଏମ୍‌ସିଏଲର ଅଧ୍ୟକ୍ଷ ଆର୍. ଆର ମିଶ୍ର, ଏମ୍‌ସିଏଲର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ବିସ୍ଥାପିତଙ୍କ ସମସ୍ୟା, ୨୦୦୬ ପଲିସି ଲାଗୁ କରିବା, ଜଳଯୋଗାଣ, ନୂତନ ମେଡିକାଲ କଲେଜରେ ୨୦୧୯-୨୦୨୦ ବର୍ଷରୁ ପାଠପଢ଼ା ଆରମ୍ଭ ହେବା, ପ୍ରଦୂଷଣ ନିରାକରଣ, ଭୂତଳ ଖଣିରେ ବାଲି ଭର୍ତ୍ତି କରାଯିବା ସମ୍ପର୍କିତ ୧୯ ଦଫା ସମ୍ବଳିତ ଦାବିପତ୍ର ମନ୍ତ୍ରୀ ଗୋଏଲଙ୍କୁ ପ୍ରଦାନ କରିଥିଲେ। ସେହିପରି ଆଇଏନଟିୟୁସି ଶ୍ରମିକ ସଂଗଠନ ଓ ତାଳଚେର ଓକିଲ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ମନ୍ତ୍ରୀ ଦାବିପତ୍ର ଗ୍ରହଣ କରିଥିଲେ।

## ଟ୍ରକ୍ ଡ୍ରାଇଭରଙ୍କଠାରୁ ଲୁଟ୍

ଅନୁଗୋଳ ଅଫିସ,୧୫।୧୦

କଟକରୁ ଅନୁଗୋଳ ଗାନ୍ଧୀ ମାର୍ଗ ଅଭିମୁଖେ ଆସୁଥିବା ଏକ ଟ୍ରକ୍‌ର ଡ୍ରାଇଭରଙ୍କଠାରୁ ଗ୍ରୀଡ୍‌କୋ ଛକ ନିକଟରେ ରବିବାର ବିଳମ୍ବିତ ରାତିରେ ଲୁଟ୍ ହୋଇଥିବା ସୋମବାର ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ୩ ଜଣ ଦୁର୍ବୃତ୍ତ ଡ୍ରାଇଭର କନ୍ଦର୍ପ ବିଶ୍ୱାଳଙ୍କୁ ଆକ୍ରମଣ କରି ୫ ହଜାର ୨ଶହ ଟଙ୍କା ସହ ଦୁଇଟି ମୋବାଇଲ ନେଇଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

ଘଟଣାରୁ ପ୍ରକାଶ, ବିଳମ୍ବିତ ରାତିରେ ଟ୍ରକ୍(ନଂ. ଓଆର୍-୧୯-ଡ଼ି-୮୭୩)ଟି କଟକରୁ ବାଲି ବୋଝେଇ କରି ଅନୁଗୋଳ ଗାନ୍ଧୀ ମାର୍ଗ ଅଭିମୁଖେ ଆସୁଥିଲା। ୩ ଜଣ ଦୁର୍ବୃତ୍ତ ଗ୍ରୀଡ୍‌କୋ ଛକ ହନୁମାନ ମନ୍ଦିର ନିକଟରେ ଟ୍ରକ୍‌କୁ ଅଟକାଇ ୩ ଶହ ଟଙ୍କା ଚାନ୍ଦା ମାଗିଥିଲେ। କନ୍ଦର୍ପ ଟଙ୍କା ଦେବାକୁ ମନା କରିବାରୁ ସେମାନେ ଭୁଜାଲି ଦେଖାଇ ତାଙ୍କୁ ଭୟଭୀତ କରିବା ସହ ପାଖରେ ଥିବା ଟଙ୍କା, ମୋବାଇଲ ସହ ହେଲପରଙ୍କ ନିକଟରୁ ମଧ୍ୟ ଏକ ମୋବାଇଲ ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଖବରପାଇ ଗାଡ଼ି ମାଲିକ ଜରାସିଂହା ଗ୍ରାମର ରାଜେଶ କୁମାର ଦାସ ଘଟଣାସ୍ଥଳକୁ ଆସିଥିଲେ ମଧ୍ୟ ଲୁଟେରାମାନେ ନିକଟରେ ଥିବା ଶୁଖୁଆସାହି ଭିତର ଦେଇ ଦୌଡ଼ି ପଳାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।




ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ପ୍ରଦର୍ଶନୀରେ ଗାନ୍ଧୀଙ୍କ ଶହେ ଫଟୋଚିତ୍ର

ଅନୁଗୋଳ ଅଫିସ,୧୫।୧୦

ଅନୁଗୋଳ ସ୍ଥିତ ସ୍ଥାନୀୟ ସଭାଘରଠାରେ ଅନୁଗୋଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗାନ୍ଧିଜୀଙ୍କ ଉପରେ ଏକ ଫଟୋଚିତ୍ର ପ୍ରଦର୍ଶନୀ 'ସବୁଠାରୁ ବଡ଼ ମଣିଷ' ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଜିଲା ସୂଚନା ଅଧିକାରୀ ଶରତ ଚନ୍ଦ୍ର ସେଠୀ ଉପସ୍ଥିତ ଦର୍ଶକ ଓ ଛାତ୍ରୀଛାତ୍ରମାନଙ୍କୁ ଗାନ୍ଧୀପଥର ଯାତ୍ରୀ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଡ.ଇନ୍ଦିରା ଦାଶ ସାମ୍ପ୍ରତିକ ସାମାଜିକ ସ୍ଥିତିରେ ଗାନ୍ଧିଜୀଙ୍କର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଦିଲୀପ କୁମାର ଧିର ସାମନ୍ତ କୁନିକୁନି ପିଲାଙ୍କ ଚିତ୍ରକଳାକୁ ପ୍ରଶଂସା କରିଥିଲେ। ପ୍ରଦର୍ଶନୀରେ ମହାତ୍ମା ଗାନ୍ଧୀଙ୍କର ଜୀବନୀକୁ ନେଇ ଶହେଟି ଫଟୋଚିତ୍ର ଲଗାଯାଇଥିଲା। ସ୍କୁଲ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନଙ୍କ ପ୍ରାୟ ୬୦ଟି ଚିତ୍ର ଲାଗିଥିବାବେଳେ ଅନ୍ୟ ଚିତ୍ରକରଙ୍କ ତୈଳଚିତ୍ର ଓ ବିଭିନ୍ନ ପ୍ରକାରର ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଉଦ୍‌ଯାପନୀ ସଭାରେ 'ଗାନ୍ଧିଜୀ ସବୁଠାରୁ ବଡ଼ ମଣିଷ' ଶୀର୍ଷକରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ନିରଞ୍ଜନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବର୍ଷୀୟାନ କବି ହାଡ଼ିବନ୍ଧୁ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କବି ସୁଶାନ୍ତ କୁମାର ଦାସ, ତୁଷାରକାନ୍ତ ଦାସ, ଶାନ୍ତିଲତା ରଥ, ସତ୍ୟରଞ୍ଜନ ପତି, ପ୍ରଭାତ କୁମାର ସାହୁ, ରେମନ କୁମାର ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଗୁଣନିଧି ସାମଲ, ପ୍ରଦୀପ୍ତ କୁମାର ପୁରୋହିତ, ରମେଶ ଚନ୍ଦ୍ର ବାରିକ, ଚତୁର୍ଭୁଜ ସାହୁ, ବିଖ୍ୟାତ ବିହାରୀ ମିଶ୍ର, ଅସିତ କୁମାର ପଟ୍ଟନାୟକ, ସାନନ୍ଦ ଚନ୍ଦ୍ର ପରିଡ଼ା, ପ୍ରସନ୍ନ କୁମାର ବେହେରା, ରତ୍ନପ୍ରଭା ବାଇ, ଅନୁପମା ପ୍ରଧାନ, ଗୀତାମୟି ମହାପାତ୍ର, ଡ. ସତ୍ୟନାରାୟଣ ସିଂହ ସାମନ୍ତ ପ୍ରମୁଖ କବିମାନେ କବିତା ପାଠ କରିଥିଲେ।

## ପଦଯାତ୍ରା, ପ୍ରକଳ୍ପ ଶିଳାନ୍ୟାସ



ଅତିଥି ଗୋଷ୍ଠୀ କେନ୍ଦ୍ର ଶିଳାନ୍ୟାସ କରୁଛନ୍ତି।

ପାଲଲହଡ଼ା,୧୫।୧୦(ଡି.ଏନ.ଏ.)

ବିଜେଡି ପକ୍ଷରୁ ପାଲଲହଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ସୋମବାର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମର ଫଳକ ଉଦ୍‌ଘାଟନ କରାଯାଇଛି। ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀଙ୍କ ପ୍ରତିନିଧି ଯୁଧିଷ୍ଠିର ଗଡନାୟକଙ୍କ ନେତୃତ୍ୱରେ ପ୍ରଥମେ କୁଞ୍ଜାମ ପଞ୍ଚାୟତ କୁଞ୍ଜାମ ଗ୍ରାମରେ ଗୋଷ୍ଠୀ କେନ୍ଦ୍ର ଗୃହର ଶିଳାନ୍ୟାସ କରାଯାଇଥିଲା। ପରେ ଖମାର ପଞ୍ଚାୟତର ଜେନାପଡା, ବଡସଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଦଯାତ୍ରା କରାଯାଇଥିଲା। ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଲକ୍ଷ୍ମୀଧର ବିଶ୍ୱାଳଙ୍କ ସମେତ ଦଳୀୟ କର୍ମୀ ଏଥିରେ ଯୋଗ ଦେଇଥିଲେ।

## ଆଜି କ'ଣ କେଉଁଠି

**ଅନୁଗୋଳ**

■ଦଣ୍ଡନୃତ୍ୟ
ସ୍ଥାନ- ଖଲାରୀ ଦୁର୍ଗା ଦେବୀ ଛକ
ସମୟ- ରାତି ୧୦ଟା

### ଟଙ୍କା ଆଣିବାକୁ ଯାଇ ମହିଳା ନିଖୋଜ

ବନ୍ତଲା, ୧୫।୧୦ (ଡି.ଏନ.ଏ)

ଅନୁଗୋଳ ଜିଲା ବନ୍ତଲା ଥାନା ପାଣ ଗୋବିନ୍ଦପୁର ଗ୍ରାମର ରଜନୀ ନାଏକ(୨୯) ଗତ ସେପ୍ଟେମ୍ବର ୨୯ରେ ଗୋଟିଏ ଜାଗାରୁ ଟଙ୍କା ଆଣିବା ପାଇଁ ଯାଇ ଘରକୁ ଫେରି ନ ଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ଗ୍ରାମବାସୀ ଓ ପରିବାର ବର୍ଗ ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ତାଙ୍କ ସ୍ୱାମୀ କର୍ଣ୍ଣ ନାଏକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଋଣ କରାଇଦେବା ନାଁରେ ଠକେଇ ଅଭିଯୋଗ

ବନ୍ତଲା, ୧୫।୧୦ (ଡି.ଏନ.ଏ)

ଅନୁଗୋଳ ଜିଲା ଇଙ୍କରବନ୍ଧ ପଞ୍ଚାୟତ ସାନକଞ୍ଜିନୀ ଜଙ୍ଗଲ ଗ୍ରାମର ୧୧ ଜଣ ମହିଳା ପୁରୁଷଙ୍କଠାରୁ ବନ୍ତଲା ଥାନା ଅଞ୍ଚଳର ଜଣେ ଯୁବକ ଋଣ କରାଇଦେବାକୁ କହି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକ ଜଣକ ମୋଦି ସରକାର ଋଣ ଦେଉଛନ୍ତି ବୋଲି ଗ୍ରାମବାସୀଙ୍କୁ କହିବା ସହ ଉକ୍ତ ଋଣକୁ ସେମାନଙ୍କ ନାଁରେ କରାଇଦେବାକୁ କହି ୭ ହଜାର ୭ ଟଙ୍କା ନେଇଯାଇଥିବା ଠକାମିର ଶିକାର ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

ଗ୍ରାମର ତୁଳା ନାଏକ, କବିତା ନାଏକ, ବବିତା ନାଏକ, କୁନି ନାଏକ, ତପସ୍ୱିନୀ ନାଏକ, କନକ ନାଏକ, ସୀତା ନାଏକ, ମାନସୀ ନାଏକ, ରଞ୍ଜୁ ନାଏକ, ବନିତା ନାଏକ, ପ୍ରଭାକର ନାଏକ ପ୍ରମୁଖଙ୍କ କହିବା ମୁତାବକ, କେନ୍ଦ୍ର ସରକାର ଋଣ ଦେଉଛନ୍ତି ବୋଲି ଯୁବକ ଜଣକ ସେମାନଙ୍କୁ କହିଥିଲେ। ଏଥିସହ ୪୦ ହଜାର ଟଙ୍କାର ଋଣ କରାଇ ଦେବାକୁ ଜଣକ ପିଛା ୭ଶହ ଟଙ୍କା ନେଇଥିଲେ। ପରେ ସେମାନଙ୍କୁ ସୋମବାର ସକାଳୁ ଅନୁଗୋଳ ହନୁମାନ ବଜାର ଛକରେ ଥିବା ଏକ ହୋଟେଲ ପାଖକୁ ଡାକିଥିଲେ। ସେଠାରେ ଗ୍ରାମବାସୀ ପହଞ୍ଚିବା ପରେ ଯୁବକ ଜଣକ ଜଳଖିଆ ଖାଇବାକୁ କହି ଫେରାର ହୋଇଯାଇଥିଲେ। ମହିଳାମାନେ ଠକେଇର ଶିକାର ହୋଇଥିବା ଜାଣିବା ପରେ ସେମାନେ ଯୁବକ ଜଣକ ରହୁଥିବା ଭଡ଼ାଘରକୁ ଯାଇ ଖୋଜିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିବା ପ୍ରକାଶ କରିଛନ୍ତି। ଏ ନେଇ ଅନୁଗୋଳ ଆଇଆଇସି ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ଥାନାରେ ହୋଇନି। ଅଭିଯୋଗ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଠକେଇର ଶିକାର ହୋଇଥିବା ମହିଳାମାନେ।

## ଜନ ଶୁଣାଣିରେ ୭୧ ହଜାରର ସହାୟତା



ଶିବିରରେ ଜନ ସାଧାରଣଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

ଅନୁଗୋଳ ଅଫିସ,୧୫।୧୦

ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍‌ଠାରେ ସୋମବାର ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ଯୋଗ ଦେଇଥିଲେ। ଶିବିରରେ ଆସିଥିବା ସମୁଦାୟ ୧୨୧ ଅଭିଯୋଗରୁ ୧୧୬ ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟଭିତ୍ତିକ ସମସ୍ୟାର ଶୁଣାଣି କରିବା ସହ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜିଲା ରେଡ୍‌କ୍ରସ ପାଣ୍ଠିରୁ ୧୦ଜଣଙ୍କୁ ୩୬ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୩୫ ହଜାର ଟଙ୍କାର ଆର୍ଥିକ ସହାୟତା ଚିକିତ୍ସା ନିମନ୍ତେ ପ୍ରଦାନ କରାଯାଇଛି। ଶିବିରରେ ମୁଖ୍ୟତଃ ଭତ୍ତା, ଇନ୍ଦିରାଆବାସ, ବିଜୁ ପକ୍କାଘର, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ସମସ୍ୟା, ରାସ୍ତା ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ବିସ୍ଥାପନ ଓ ବିଭିନ୍ନ ରୋଗର ଚିକିତ୍ସା ନିମନ୍ତେ ଜିଲାପାଳଙ୍କୁ ଲୋକେ ଗୁହାରି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଡେପୁଟି କଲେକ୍ଟର ବଇତୁରା ଦିପ, ଆସିଷ୍ଟାଣ୍ଟ କଲେକ୍ଟର ଇସାନି ପଣ୍ଡା ଓ ଲମ୍ବୋଦର ମାରାଣ୍ଡିଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ପାର୍ବଣ ଆଗମନରେ ତାଳଚେର ଚଳଚଞ୍ଚଳ

ତାଳଚେର୧୫।୧୦(ନି.ପ୍ର.)

ପାର୍ବଣ ଆଗମନରେ ଚଳଚଞ୍ଚଳ ହୋଇ ଉଠିଛି କୋଇଲା ନଗରୀ ତାଳଚେର। ମା' ଦୁର୍ଗାଙ୍କ ଧରାବତରଣକୁ ନେଇ ଶ୍ରଦ୍ଧାଳୁ ଉତ୍ସାହିତ ହୋଇଥିବାବେଳେ ଦୁର୍ଗାପୂଜାକୁ ଅଧିକ ଆକର୍ଷଣୀୟ ଢଙ୍ଗରେ ପାଳନ ପାଇଁ ବିଭିନ୍ନ ପୂଜା ମଣ୍ଡପ, ଶକ୍ତି ପୀଠରେ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଆଖିଝଲସି ଦେଲା ପରି ତୋରଣ ସହ ପୂଜା ମଣ୍ଡପ ଗୁଡିକରେ ମା'ଙ୍କ ଆକର୍ଷଣୀୟ ମୃଣ୍ମୟୀ ମୂର୍ତ୍ତି ଶୋଭାପାଉଛି। ତାଳଚେରର ବିଭିନ୍ନ କୋଇଲାଖଣି ଗୁଡିକ ପକ୍ଷରୁ ମଧ୍ୟ ଦୁର୍ଗା ପୂଜା ମହାଆଡମ୍ବର ସହକାରେ ପାଳନ କରାଯାଉଛି । ଏମ୍‌ସିଏଲ୍‌ର ଅନନ୍ତ, ଲିଙ୍ଗରାଜ, ଭରତପୁର, ଜଗନ୍ନାଥ, ବଳରାମ, ହିଙ୍ଗୁଳା, ସାଉଥବଲଣ୍ଡା, ଡେରା, ନନ୍ଦିରା ଆଦି କୋଇଲା ଖଣିର ପୂଜାମଣ୍ଡପଗୁଡିକରେ ମା' ଆକର୍ଷଣୀୟ ମୂର୍ତ୍ତି ସ୍ଥାନ ପାଇଛି। ଚଳିତ ବର୍ଷ ସାଉଥବଲଣ୍ଡା ଦୁର୍ଗାପୂଜା କମିଟିର ୫୩ ବର୍ଷ ପୂର୍ତ୍ତି ଉପଲକ୍ଷେ ନିଆରା ଢଙ୍ଗରେ ପୂଜା ପାଳନ କରାଯିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି । ସେହିପରି ବିଭିନ୍ନ ରଙ୍ଗବେରଙ୍ଗ ଏଲଇଡି ଲାଇଟ ଦ୍ୱାରା ମଣ୍ଡପ ସାଜସଜ୍ଜା କରାଯାଉଛି । ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ପୂଜାକମିଟି ଗୁଡିକ ପକ୍ଷରୁ ନାଟକ ପରିବେଷଣ ସହ ଭଜନସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପୋଲିସ ତଥା ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟବସ୍ଥା କରାଯାଇଛି। ସମସ୍ତ ଦେବୀପୀଠରେ ମା'ଙ୍କର ଷୋଡଶ ଉପଚାର ପୂଜା ଆରମ୍ଭ ହୋଇଯାଇଛି। ସେହିପରି ସୋମବାର ୧୫ ମା' ଙ୍କ ଷଷ୍ଠୀ ପୂଜା, ୧୬ ରେ ମହାସପ୍ତମୀ , ୧୭ରେ ମହାଷ୍ଟମୀ ପାଳନ ଅବସରରେ ସନ୍ଧି ପୂଜା, ୧୮ ତାରିଖ ନବମୀରେ ମହାଚଣ୍ଡୀ ଯଜ୍ଞ ତଥା ୧୯ରେ ବିଜୟା ଦଶମୀ ଦିନ ଅପରାଜିତା ପୂଜା ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି। ବିଜୟାଦଶମୀ ଦିନ ସାଉଥବଲଣ୍ଡାସ୍ଥିତ ରାବଣପୋଡି ଅନୁଷ୍ଠାନ ପକ୍ଷରୁ ରାବଣ ପୋଡି ଉତ୍ସବ ପାଳନ କରାଯିବ। ୨୦ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ।

■ପ୍ରସ୍ତୁତି ଚୂଡାନ୍ତ, ଉତ୍ସାହିତ ଶ୍ରଦ୍ଧାଳୁ
■ଆକର୍ଷଣୀୟ ଢଙ୍ଗରେ ମଣ୍ଡପ ସାଜସଜ୍ଜା
■ଦେବୀପୀଠରେ ଷୋଡଶ ଉପଚାର ଆରମ୍ଭ
■ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା



ଏମ୍‌ସିଏଲ ଜଗନ୍ନାଥ ଓସିପି ପକ୍ଷରୁ ନିର୍ମିତ ତୋରଣ।

**ଧରିତ୍ରୀର ଢେଙ୍କାନାଳ - ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଆଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

■ହାଇଦ୍ରାବାଦରୁ ଭିଭିପାଟ୍ ମେଶିନ ନେଇ ଆସୁଥିଲେ କନଷ୍ଟେବଲ

# ଏକେ-୪୭ ବନ୍ଧୁକ ଲୁଟ୍ ଅଭିଯୋଗ

**ଢେଙ୍କାନାଳ ଅଫିସ, ୧୫।୧୦**

■ଆନ୍ଧ୍ରପ୍ରଦେଶ ପୋଲିସ ଦ୍ୱାରା ଅଟକ

■ପୁଅକୁ ଉଦ୍ଧାର ପାଇଁ ମାତାପିତାଙ୍କ ନିବେଦନ



ପୁଅକୁ ଉଦ୍ଧାର କରିବା ପାଇଁ ପୋଲିସ ପ୍ରଶାସନର ଦ୍ୱାରସ୍ଥ ହୋଇଥିବା କନଷ୍ଟେବଲ ଅଭିମନ୍ୟୁଙ୍କ ମା'ବାପା।

ହାଇଦ୍ରାବାଦ୍‌ରୁ ଭିଭିପାଟ୍ ମେଶିନ ନେଇ ଢେଙ୍କାନାଳ ଆସୁଥିବା ଏପିଆର୍ କନଷ୍ଟେବଲ ଅଭିମନ୍ୟୁ ସାହୁଙ୍କ ଏକେ-୪୭ ବନ୍ଧୁକ ଲୁଟ୍ ହୋଇଯାଇଥିବା ଅଭିଯୋଗ ହୋଇଛି। ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲା ଢାଙ୍କ୍‌ଡା ଥାନା ନିକଟରେ ଗତ ୧୩ ତାରିଖରେ ବନ୍ଧୁକ ଲୁଟ୍ ହୋଇଯାଇଥିବା ଅଭିମନ୍ୟୁ ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ସେଠାକାର ପୋଲିସ ତାଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପଟେ ଥାନାରେ ତଦନ୍ତ ଆଳରେ ଅଭିମନ୍ୟୁଙ୍କୁ ନିର୍ଯାତନା ଦିଆଯାଉଥିବା ସେ ଫୋନ୍ ଯୋଗେ ଜଣାଇବା ପରେ ପରିବାର ଲୋକଙ୍କ ଚିନ୍ତା ବଢ଼ିଛି। ପୁଅକୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ମା ଭୁବନେଶ୍ୱରୀ ସାହୁ ଏବଂ ବାପା ଅର୍ଜୁନ ସାହୁ ସୋମବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ଗୁହାରି କରିଛନ୍ତି। ଏଥିସହ ସମସ୍ତ ଘଟଣା ସମ୍ପର୍କରେ ସେମାନେ ହାବିଲଦାର କନଷ୍ଟେବଲ ସଂଘକୁ ଜଣାଇଛନ୍ତି।

ହାଇଦ୍ରାବାଦରୁ ଭିଭିପାଟ୍ ମେଶିନ ଆଣିବାକୁ ଅକ୍ଟୋବର ୭ରେ ଢେଙ୍କାନାଳରୁ ମାଜିଷ୍ଟ୍ରେଟ୍‌ଙ୍କ ସହ ପୋଲିସ ଯାଇଥିଲା। ସେଠାରୁ ୧୩ ତାରିଖ ରାତିରେ ୬ଟି ଟ୍ରକ୍‌ରେ ଭିଭିପାଟ୍ ମେଶିନ ଧରି ଢେଙ୍କାନାଳ ଅଣାଯାଉଥିଲା। ପ୍ରତି ଟ୍ରକ୍‌ରେ ଜଣେ ଏପିଆର୍ କନଷ୍ଟେବଲଙ୍କୁ ନିୟୋଜିତ କରାଯାଇଥିଲା। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଢେଙ୍କାନାଳ ସଦର ତହସିଲଦାର, କାମାକ୍ଷାନଗର ତହସିଲଦାର ଏବଂ ବିଡିଓ ଅନ୍ୟ ଏକ ଗାଡ଼ିରେ ଆଗରେ ଆସୁଥିଲେ। ବିଜୟନଗରମ୍ ଜିଲା ଢାଙ୍କଡା ଥାନା ଅଞ୍ଚଳରେ ଅଭିମନ୍ୟୁଙ୍କ ନିକଟରେ ଥିବା ଏକେ-୪୭ ବନ୍ଧୁକଟି ଲୁଟ୍ ହୋଇଯାଇଥିବା ସେ ଅଭିଯୋଗ କରିଛନ୍ତି। ସେଥିରେ ଏକ ମାଗାଜିନ୍ ସହ ୩୦ ଜୀବନ୍ତ ଗୁଳି ଥିବା ଜଣାପଡ଼ିଛି। ହେଲେ ଗାଡ଼ିରୁ ଏକେ-୪୭ ଲୁଟ୍ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ପ୍ରତି ଟ୍ରକ୍‌ରେ ଜଣେ ଲେଖାଏଁ ସଶସ୍ତ୍ର କନଷ୍ଟେବଲଙ୍କୁ ସୁରକ୍ଷା ଦାୟିତ୍ୱ ଦିଆଯିବା ଏବଂ ମାଜିଷ୍ଟ୍ରେଟ୍‌ମାନେ ଅନ୍ୟ ଗାଡ଼ିରେ ଯିବା ମଧ୍ୟ ଆଲୋଚନାର ବିଷୟ ହୋଇଛି। ସକାଳେ ଭିଭିପାଟ୍ ମେଶିନ ବୋଝେଇ ୬ ଟ୍ରକ୍ ଏବଂ ୫ଜଣ ଏପିଆର କନଷ୍ଟେବଲ ସୁରକ୍ଷିତ ଭାବେ ଢେଙ୍କାନାଳରେ ପହଞ୍ଚିଥିଲେ। ଅଟକ ଅଭିମନ୍ୟୁଙ୍କ ସମ୍ପର୍କରେ ସୂଚନା ପାଇବା ପରେ ଏସ୍‌ପି ସନ୍ତୋଷ କୁମାର ନାୟକ ଆନ୍ଧ୍ର ପୋଲିସ ସହ ଯୋଗାଯୋଗ କରିଛନ୍ତି। ଏ ନେଇ ସେ କୁହନ୍ତି, କେଉଁ ପରିସ୍ଥିତିରେ ଏକେ-୪୭ ଚୋରି ହେଲା ଅଥବା ହଜିଯାଇଛି ସେ ନେଇ ଆନ୍ଧ୍ର ପୋଲିସ ତଦନ୍ତ କରୁଛନ୍ତି। ଏ ନେଇ ସେଠାକାର ଡିଏସ୍‌ପି, ଏସ୍‌ଡିପିଓ, ଏସ୍‌ପିଙ୍କ ସହ ଆଲୋଚନା କରାଯାଇଛି। ସୋମବାର ଅପରାହ୍ଣରେ ଜଣେ ଆନ୍ଧ୍ର ଡିଏସ୍‌ପି ସମ୍ପୃକ୍ତ କନଷ୍ଟେବଲଙ୍କୁ ଧରି ତଦନ୍ତ ପାଇଁ ହାଇଦ୍ରାବାଦ ଯାଇଛନ୍ତି। ଭିଭିପାଟ୍ ଆସିଥିବା ଇସିଏଲ୍ କାର୍ଯ୍ୟାଳୟରେ ତଦନ୍ତ ଚାଲିଛି। ମଙ୍ଗଳବାର ଢେଙ୍କାନାଳରୁ ବିଭାଗୀୟ ଅଧିକାରୀ ସେଠାକୁ ଯିବେ। ଅଭିମନ୍ୟୁଙ୍କ ମାବାପା ଚାହିଁଲେ ପୁଅକୁ ଦେଖା କରିପାରିବେ। ଏ ସଂକ୍ରାନ୍ତରେ ସେଠାକାର ପୋଲିସ ସହ କଥା ହୋଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଅତିରିକ୍ତ ଜିଲାପାଳ ଅବନୀକାନ୍ତ ପଟ୍ଟନାୟକ କୁହନ୍ତି, ୬ଟି ଟ୍ରକର ଭିଭିପାଟ୍ ମେଶିନ ସୁରକ୍ଷିତ ଭାବେ ପହଞ୍ଚିଛି। କନଷ୍ଟେବଲଙ୍କ ବନ୍ଧୁକ ହଜିବା ସମ୍ପର୍କିତ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅଭିମନ୍ୟୁଙ୍କ ଘର କାମାକ୍ଷାନଗର ଥାନା ବାଇସିଙ୍ଗା ଗ୍ରାମରେ ଏବଂ ସେ ତାଙ୍କ ମା'ବାପାଙ୍କ ଏକମାତ୍ର ପୁତ୍ର ବୋଲି ଜଣାପଡ଼ିଛି।




## ଦୁର୍ନୀତିଗ୍ରସ୍ତ ଡିଲରଙ୍କୁ କଳା ତାଲିକାଭୁକ୍ତ କରିବାକୁ ଦାବି

**ହିନ୍ଦୋଳ,୧୫।୧୨(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ କୁତୁଣିଆ ଅଞ୍ଚଳର ବେଆଇନ କାର୍ଯ୍ୟରେ ଲିପ୍ତ ଜଣେ ଡିଲରଙ୍କୁ କଳା ତାଲିକାଭୁକ୍ତ କରିବାକୁ ସୋମବାର ଗ୍ରାମବାସୀ ଉପଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଉପଜିଲାପାଳ ଭବେଶ କୁମାର ନାୟକ ଦାବିପତ୍ର ଗ୍ରହଣ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ବ୍ୟକ୍ତି ଦୀର୍ଘ ୨୦ବର୍ଷ ଧରି ଡିଲରଶିପ୍ ଆଣି ଲକ୍ଷାଧିକ ଟଙ୍କାର ଯୋଗାଣ ସାମଗ୍ରୀ ଆତ୍ମସାତ୍ କରିଛନ୍ତି। ପରେ ସ୍ତ୍ରୀଙ୍କ ସହାୟତାରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ମଧ୍ୟ ଯୋଗାଣ ସାମଗ୍ରୀ ହରିଲୁଟ୍ କରି ଚାଲିଥିଲେ। ୨୦୦୯ରେ ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ପରେ ସମ୍ପୃକ୍ତ ଗୋଷ୍ଠୀର ଡିଲରଶିପକୁ ରଦ୍ଦ କରାଯାଇଥିଲା। ୨୦୧୬ରେ ସମ୍ପୃକ୍ତ ଗୋଷ୍ଠୀ କୌଣସି ପ୍ରକାରେ ଡିଲରଶିପ୍ ହାତେଇବା ପରେ ପୂର୍ବପରି ବେଆଇନ କାର୍ଯ୍ୟ ଜାରି ରଖିଲା। ପୁନର୍ବାର ଗ୍ରାମବାସୀଙ୍କ ଅଭିଯୋଗପରେ ଡିଲରଶିପ କାଟି ଦିଆଯାଇଥିଲା। ଏହାପରେ ସମ୍ପୃକ୍ତ ଗୋଷ୍ଠୀ ପୁନର୍ବାର ଅନ୍ୟ ଏକ ଏସ୍‌ଏଚ୍‌ଜି ଗଠନ କରି ଡିଲରଶିପ ହାତେଇବାକୁ ଉଦ୍ୟମ କରୁଛି। ଏହା ଜଣାପଡ଼ିବା ପରେ ଗ୍ରାମବାସୀ ବିଧାୟିକା, ବ୍ଲକ ଅଧ୍ୟକ୍ଷ, ଉପଜିଲାପାଳ ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଡିଲର ନିଯୁକ୍ତି ବନ୍ଦ ରଖାଯାଇଛି। ହେଲେ ବାରମ୍ବାର ଏପରି ବେଆଇନ କାର୍ଯ୍ୟରେ ଲିପ୍ତ ଉକ୍ତ ଗୋଷ୍ଠୀକୁ କଳା ତାଲିକାଭୁକ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବରୁ ଡିଲରଶିପ୍‌କୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ପ୍ରଶାସନର ହସ୍ତକ୍ଷେପ ପରେ ଏହାର ସମାଧାନ ହୋଇଥିଲା। ଏବେ ପୁଣି ବିବାଦ ମୁଣ୍ଡ ଟେକିଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ଏହାର ନିରପେକ୍ଷ ତଦନ୍ତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି।




## ବର୍ଷବ୍ୟାପୀ ଶ୍ରୀମଦ୍ ଭାଗବତ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ

**ହିନ୍ଦୋଳ, ୧୫।୧୦(ଡି.ଏନ.ଏ.)**

ହିନ୍ଦୋଳରୁ ପ୍ରକାଶ ପାଉଥିବା ଆଧ୍ୟାତ୍ମିକ ପତ୍ରିକା 'ପ୍ରୀତିର ପ୍ରୟାସ' ପକ୍ଷରୁ ଭାଦ୍ରବ ପୂର୍ଣ୍ଣିମାଠାରୁ ବର୍ଷବ୍ୟାପୀ ଶ୍ରୀମଦ୍ ଭାଗବତ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସମ୍ପାଦକ ଅଭୟ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକର ବିଭିନ୍ନ ଗ୍ରାମରେ ଏହା ଜାରି ରହିଛି। ପ୍ରତି ମାସ ଦ୍ୱିତୀୟ ରବିବାରରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବ୍ରାହ୍ମଣଙ୍କ ଦ୍ୱାରା ଭାଗବତ ପାଠ ସହ ପୂଜାର୍ଚ୍ଚନା କରାଯାଉଛି। ଗତ ରବିବାର ବାଉଁଶପୋଖରୀ ପଞ୍ଚାୟତ ନୂଆକୋଟ ବିଶ୍ୱନାଥ ମହାଦେବ ମନ୍ଦିରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନଭେମ୍ବର ୧୧ରେ କରାବିରାରେ ଭାଗବତ ପାଠ କରାଯିବ। ଭାଗବତର ମହତ୍ତ୍ୱକୁ ସୁଦୂରପ୍ରସାରୀ କରାଇବା ଉଦ୍ଦେଶ୍ୟରେ ଏହା ଆରମ୍ଭ ହୋଇଛି। ପ୍ରଥମେ ବ୍ଲକ ପରେ ଜିଲାରେ ଏହାର ଆୟୋଜନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ସଂଯୋଜକ ଅଭୟ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।



